ଶିକ୍ଷାର୍ଥୀଙ୍କ ପ୍ରଦର୍ଶନକୁ ବୃଦ୍ଧି କରିବାର ଗୋଟିଏ ଉପାୟ ହେଉଛି ଅଧିକରୁ ଅଧିକ ସୂଚନା ନିବେଶ କରିବାକୁ ହେବ, ଯାହା ପାଇଁ ଶିକ୍ଷକଙ୍କୁ ଘରୋଇ ପ୍ରଶିକ୍ଷଣ ଆବଶ୍ୟକ। ଘରୋଇ ପ୍ରଶିକ୍ଷଣ ସମ୍ବନ୍ଧରେ ଆପଣ "ଶିକ୍ଷଣ-ଶିକ୍ଷାଦାନର ପରିବର୍ତ୍ତନ ପ୍ରକ୍ରିୟା : ବ୍ୟକ୍ତିଗତ ପ୍ରଶିକ୍ଷକ ଓ ପଥପ୍ରଦର୍ଶନ" ଶୀର୍ଷକ ବିଷୟଟି ପଢ଼ିଲେ ଅଧିକ ଜାଣିପାରିବେ। ନୂତନ ଜ୍ଞାନ କିମ୍ବା କୌଶଳର ବୃଦ୍ଧି ପାଇଁ ଆପଣ କେହି ଜଣେ ଶିକ୍ଷକଙ୍କ ସହ ମିଶି ଯୋଜନା ପ୍ରସ୍ତୁତ କରିପାରିବେ। ଶିକ୍ଷଣକାର୍ଯ୍ୟ ୭ ଆପଣଙ୍କୁ କହୁଛି ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ଯାହାକୁ ପରେ ତଦାରଖ କରାଯିବ।

## ଶିକ୍ଷଣକାର୍ଯ୍ୟ ୭: କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତି

ଉପରେ ବର୍ଣ୍ଣିତ ମୁରଲୀଧରଣ ଏବଂ ସୁନ୍ଦରରମଣ, ୨୦୧୦ଙ୍କ ସନ୍ଦର୍ଭଟିକୁ ମନେରଖି ପରିସ୍ଥିତି ଅଧ୍ୟୟନ -୪ ରେ ଦିଆଯାଇଥିବା ଖାନ ସାର ଏବଂ ଆପଣଙ୍କର କଥାକୁ ପରିକଳ୍ପନା କରନ୍ତୁ। ଶ୍ରୀମାନ ପଟେଲଙ୍କ ସହ କାର୍ଯ୍ୟ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରନ୍ତୁ ଯାହା ତାଙ୍କୁ ଶ୍ରେଣୀରେ କମ ପ୍ରଦର୍ଶନରୁ ବାହାରି ଆସିବା ପାଇଁ ସମର୍ଥ କରାଇବ। ଶିକ୍ଷକଙ୍କ ବିକାଶ ପାଇଁ ଏହି ଯୋଜନା କିଭଳି ଆପଣଙ୍କୁ ସାହାଯ୍ୟ କରୁଛି ଏବଂ ସଂବେଦନ ସହ କିପରି ଆପଣଙ୍କ ଦ୍ୱାରା କରାଯାଇ ପାରିବ ଏବଂ ନିଜକୁ ନିଜେ ପଟେଲ ସାର କିପରି କରିପାରିବେ। ଏହା ଆପଣଙ୍କୁ ଏବଂ ନିଜେ ଶ୍ରୀମାନ ଖାନଙ୍କୁ କିଭଳି ସାହାଯ୍ୟ କରୁଛି ତତ ସମ୍ବନ୍ଧରେ ଚିନ୍ତା କରନ୍ତୁ। ପରିସ୍ଥିତି ଅଧ୍ୟୟନର କାର୍ଯ୍ୟଗୁଡ଼ିକ ହେଉଛି ଆପଣଙ୍କ ପାଇଁ ଏବଂ ଏହାର କୌଶଳଗୁଡ଼ିକୁ ଅଭ୍ୟାସରେ ପରିଣତ କଲେ, ତାହାକୁ ଆପଣ ଆପଣଙ୍କର ଶିକ୍ଷକ ଏବଂ ବିଦ୍ୟାଳୟର ବିକାଶ କରିବାରେ ବ୍ୟବହାର କରି ହେବ।

### ଆଲୋଚନା

- ଉଦ୍ଭାବନକ୍ଷମ ହେବା ପାଇଁ ଏହା ଏକ ସୁବର୍ଣ୍ଣ ଯୋଗ ହୋଇପାରେ। ଶ୍ରେଣୀ କାର୍ଯ୍ୟ ଚାଲୁଥିବା ସମୟରେ ଶ୍ରୀମାନ ପଟେଲ ଶାରୀରିକ କାରଣ ହେତୁ ସହକର୍ମୀଙ୍କ ସାଧାରଣ କକ୍ଷକୁ  ଫେରନ୍ତି, ତେବେ କାହିଁକି ଜଣେ ନିରିକ୍ଷକ ଆସୁନାହାନ୍ତି ଯିଏକି କାର୍ଯ୍ୟ ଫର୍ଦ୍ଦ କିମ୍ବା ପାଠ ଆରମ୍ଭରୁ ବହି ଯୋଗାଇପାରିବେ ?
- ଦଳଗତ ଭାବେ ଶିକ୍ଷାଦାନର ଯଦି କିଛି ସୁଯୋଗ ଥାଏ ତେବେ ତାହା ଅନ୍ୟ ଶିକ୍ଷକଙ୍କୁ ଭଲ ପାଠ ଆରମ୍ଭ ପାଇଁ ସୁଯୋଗ ପ୍ରଦାନ କରିଥାଏ। କ'ଣ ଶ୍ରୀମାନ ପଟେଲ ବ୍ୟକ୍ତିଗତ ପ୍ରଶିକ୍ଷକ ଓ ପଥପ୍ରଦର୍ଶକରୁ ଲାଭବାନ ହୋଇପାରିବେ ?
- ଯୋଜନା ଶେଷରେ ଏକ ପର୍ଯ୍ୟବେକ୍ଷଣ ଫର୍ଦ୍ଦ ରହିବା ଉଚିତ୍, ସୁସ୍ପଷ୍ଟ ଲକ୍ଷ୍ୟ ଏବଂ ଅଗ୍ରଗତି ନିମନ୍ତେ କାହା ସହ ଆଲୋଚନା ପାଇଁ ନିୟମିତ ବୈଠକର ଆବଶ୍ୟକତା ରହିଛି।

ପରବର୍ତ୍ତୀ କାର୍ଯ୍ୟରେ ଯିଏ ଭଲ କାର୍ଯ୍ୟ ସମ୍ପାଦନ କରୁଛନ୍ତି ତାଙ୍କୁ ସହାୟତା ପ୍ରଦାନ କରିବାକୁ ଯାଉଛନ୍ତି। ସେ ଜଣେ ଶିକ୍ଷକ ହୋଇପାରନ୍ତି ଯାହାଙ୍କ ସମ୍ବନ୍ଧରେ ଆପଣ ପୂର୍ବରୁ କେତେକ ପ୍ରମାଣ ସଂଗ୍ରହ କରିଛନ୍ତି କିମ୍ବା ଏହା ଗୋଟିଏ ନୂଆ ପର୍ଯ୍ୟବେକ୍ଷଣ ହୋଇପାରେ। ନିଶ୍ଚିତ କରନ୍ତୁ ଯେ ଏହି କାର୍ଯ୍ୟରେ ତୁମେ ସଂଗ୍ରହ କରିଥିବା ପ୍ରମାଣକୁ ବ୍ୟବହାର କରିବେ, ଶିକ୍ଷକଙ୍କ ସୁନାମ ନୁହେଁ।

## ଶିକ୍ଷଣକାର୍ଯ୍ୟ ୮: ଭଲ କାର୍ଯ୍ୟ ସମ୍ପାଦନ କରୁଥିବା ଶିକ୍ଷକଙ୍କ ପାଇଁ ସହାୟତା ପ୍ରଦାନ

ଜଣେ ଶିକ୍ଷକ ବହୁତ ସୁନ୍ଦର ଭାବରେ ପଢ଼ାଉଥିବାର ପାଠକୁ ଆପଣ ପର୍ଯ୍ୟବେକ୍ଷଣ କରିଛନ୍ତି। ପାଠର ଏକ ନିର୍ଦ୍ଦିଷ୍ଟ ଅଂଶକୁ ନିର୍ଣ୍ଣୟ କରନ୍ତୁ କିମ୍ବା ଶିକ୍ଷକଙ୍କ କାର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ଦିଗ ଯାହାକୁ ଆପଣ ଭଲ ବୋଲି ବିବେଚନା କରୁଛନ୍ତି। ଯତ୍ନ ସହକାରେ ସହାୟତା ସମ୍ବନ୍ଧରେ ଚିନ୍ତା କରନ୍ତୁ ଯାହା ଆପଣ ଦେବାକୁ ଚାହୁଁଛନ୍ତି ଏବଂ ନିଶ୍ଚିତ ରୁହନ୍ତୁ ଯେ ସହାୟତା ପ୍ରଦାନ ପାଇଁ ଆପଣଙ୍କ ଠାରେ ଯଥେଷ୍ଟ ପ୍ରମାଣ ଠିକ୍ ସମୟରେ ପହଞ୍ଚିଯିବ।

ଆପଣ ସହାୟତା ଦେବା ସମୟରେ ନିମ୍ନଲିଖିତ ଦିଗଗୁଡ଼ିକର ଆବଶ୍ୟକତା ମନେ କରିବେ:

- କାର୍ଯ୍ୟଗୁଡ଼ିକୁ ବର୍ଣ୍ଣନା କରନ୍ତୁ
- ଆପଣ କାର୍ଯ୍ୟଗୁଡ଼ିକର ଉଚ୍ଚମାନର ବୋଲି କାହିଁକି ବିଚାର କଲେ, ତାହା ବର୍ଣ୍ଣନା କରନ୍ତୁ।
- ପ୍ରମାଣର ସହ ପ୍ରଶଂସା କରନ୍ତୁ
- ଉପଯୁକ୍ତ ଦିଗ ଏବଂ ମାର୍ଗ ଠିକ କରନ୍ତୁ ଯାହା ଉପରେ ଆପଣଙ୍କର ଆଲୋଚନା ହେବ।

କ'ଣ କହିବାକୁ ଯାଉଛନ୍ତି ତାହା ଉପରେ ଏକ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ବୈଠକ ପାଇଁ ଉପଯୁକ୍ତ ପରିବେଶ ଉପରେ ମଧ୍ୟ ଧ୍ୟାନ ଦିଅନ୍ତୁ। ବୈଠକ ଚାଲୁଥିବା ସମୟରେ ଆପଣ ଶିକ୍ଷକଙ୍କୁ ପଚାରିପାରିବେ ଯେ କିଭଳି ସେମାନେ ସେମାନଙ୍କର ଭଲ କାର୍ଯ୍ୟଗୁଡ଼ିକୁ ଅନ୍ୟମାନଙ୍କ ପାଇଁ ଓ ସେମାନଙ୍କ ଶିକ୍ଷାଦାନରେ ଅନ୍ୟ ପରିସରକୁ କିପରି ସଂପ୍ରସାରିତ କରିପାରିବେ।

ବୈଠକ ଶେଷରେ ଶିକ୍ଷକମାନେ ସହାୟତାଗୁଡ଼ିକୁ କିଭଳି ଗ୍ରହଣ କଲେ ନିଜ ଶିକ୍ଷଣ ପୁସ୍ତିକାରେ କିଛି ଲିପିବଦ୍ଧ କରି ରଖନ୍ତୁ। ଯେଉଁ ବ୍ୟବହାରଗୁଡ଼ିକୁ ନିରୀକ୍ଷଣ କଲେ ଆପଣ ଏକ ସିଦ୍ଧାନ୍ତରେ ପହଞ୍ଚିବାକୁ ସାହାଯ୍ୟ କରିବ ? ବୈଠକ ପୂର୍ବରୁ ଏବଂ ପରେ ଆପଣଙ୍କର କିଭଳି ଭାବନା ଥିଲା ତାହା ମଧ୍ୟ ଲିପିବଦ୍ଧ କରି ରଖନ୍ତୁ। ଯଦି ଆପଣଙ୍କର କେହି ସହକର୍ମୀ ଅଛନ୍ତି ତେବେ ଆପଣ ସେମାନଙ୍କ ସହ ବିଶ୍ୱାସର ସହ ଆଲୋଚନା କରିପାରିବେ।

### ଆଲୋଚନା

ଆଶାନୁଯାୟୀ ବୈଠକଟି ଭଲ ଭାବେ ହୋଇଥିବ ଏବଂ ଆପଣଙ୍କର ପ୍ରଶଂସା ଭଲଭାବେ ଗ୍ରହଣୀୟ ହୋଇଥିବ। ଏହି ଏକକରେ କାର୍ଯ୍ୟ କରିବା ଦ୍ୱାରା ଯେ ପ୍ରମାଣର ଏକତ୍ରିକରଣ, ସହାୟତା ପ୍ରଦାନ ଏବଂ ଜଣେ ଶିକ୍ଷକଙ୍କ ପାଇଁ ଆଉ କଣ ଅଧିକ ସହାୟତା ଆବଶ୍ୟକ ଆପଣ ଜାଣିପାରିବେ ଯେତେବେଳେ ଶିକ୍ଷକଙ୍କର ନିମ୍ନମାନର କାର୍ଯ୍ୟକୁ ଲକ୍ଷ୍ୟ କରିବାକୁ ହେବ ତାହା ଏକ ସମୟ ସାପେକ୍ଷ ଓ ଆବେଗପୂର୍ଣ୍ଣ କାମ ଅଟେ।

## ୫. ପ୍ରମାଣର ଏକତ୍ରିକରଣ, ସହାୟତା ପ୍ରଦାନ ଏବଂ ଶିକ୍ଷକଙ୍କ ବିକାଶ ପାଇଁ ଚାଲିଥିବା ପ୍ରକ୍ରିୟା

ପ୍ରମାଣର ଏକତ୍ରିକରଣ, ସହାୟତା ପ୍ରଦାନ ଏବଂ ଶିକ୍ଷକଙ୍କ ବିକାଶ ପ୍ରକ୍ରିୟା କାର୍ଯ୍ୟ ସୁରୁଖୁରୁରେ ହେବ ଯେତେବେଳେ ଏହା ଏକ ଚଳନ୍ତି ପ୍ରକ୍ରିୟା ରୂପେ ପ୍ରତୀୟମାନ ହେବ।

ଏହା ଲକ୍ଷ୍ୟ କରାଯାଇନଥିବା ଦୁର୍ବଳ ପ୍ରଦର୍ଶନର ହାରକୁ କମାଇବାର ସୁଯୋଗ ଥାଏ ଏବଂ କାର୍ଯ୍ୟ ସମ୍ପାଦନକୁ ଏକ ସ୍ତର ପର୍ଯ୍ୟନ୍ତ ନେଇ ଆସିଥାଏ। ସମସ୍ତ ପ୍ରମାଣ ସଂଗ୍ରହ ଏବଂ ସହାୟତା ପ୍ରଦାନ ବିଦ୍ୟାଳୟ ମୁଖ୍ୟଙ୍କର କାର୍ଯ୍ୟ ନୁହେଁ। ଏହାକୁ ସମସ୍ତ ଶିକ୍ଷକଙ୍କ ସହଭାଗିତା ମାଧ୍ୟମରେ କରିବା ଅବାଶ୍ୟକ କାରଣ ଏହା ସମସ୍ତଙ୍କର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ।

ଭିଡ଼ିଓ: ବିଦ୍ୟାଳୟ ନେତୃତ୍ୱ – ମୁଖ୍ୟ ଶିକ୍ଷକ

## ଶିକ୍ଷଣକାର୍ଯ୍ୟ ୯ : ଶିକ୍ଷାଦାନର ନିୟମିତ ସମୀକ୍ଷା

ନିଜ ବିଦ୍ୟାଳୟରେ କୌଣସି ଏକ ପାଠର ଶିକ୍ଷାଦାନ ଉପରେ ନିୟମିତ ସମୀକ୍ଷା ପାଇଁ ଏକ ଯୋଜନା ପ୍ରସ୍ତୁତ କରନ୍ତୁ। ଏହା ମୁଖ୍ୟତଃ ପାଠର ଆରମ୍ଭରେ, ଗୃହ କର୍ମ ସ୍ଥିର କରିବାରେ କିମ୍ବା ଶିକ୍ଷାର୍ଥୀ-ଶିକ୍ଷକ ସମ୍ପର୍କ ଉପରେ ସ୍ଥିର ହୋଇପାରେ।

ଆପଣ ନିଜର ଧ୍ୟାନକୁ କେନ୍ଦ୍ରୀଭୂତ କରିବା ପାଇଁ ଅନେକଗୁଡ଼ିଏ କାରକ ଅଛି - ଟେସ-ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା କେତେକ ମୁଖ୍ୟ ସମ୍ବଳ ଆପଣ ଚାହୁଁଥିବା ଶିକ୍ଷାଦାନର ବିଭିନ୍ନ ଦିଗକୁ ଖୋଜିବାରେ ସାହାଯ୍ୟ କରିପାରିବ। ଆପଣ ସମ୍ବଳ-୨, "ପାଠ ଯୋଜନା"କୁ ଶିକ୍ଷକ ସହାୟକ ପୁସ୍ତିକା ରୂପେ ବ୍ୟବହାର କରିପାରିବେ, କିମ୍ବା ଏହା ଆପଣଙ୍କୁ କେଉଁଥିରେ ନଜର ରଖିବ ତାହା ସ୍ଥିର କରିବାରେ ସାହାଯ୍ୟ କରିବ।

କାହିଁକି ଶିକ୍ଷାଦାନର ସେହି ଦିଗକୁ ଠିକ କଲେ ତାହାକୁ ଆପଣ ଆପଣଙ୍କର ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରି ରଖନ୍ତୁ। ପୁଣି ଭବିଷ୍ୟତରେ ଆପଣ କେଉଁ ଦିଗଗୁଡ଼ିକୁ ଲକ୍ଷ୍ୟ କରିବାକୁ ଚାହୁଁଚ ଏବଂ କାହିଁକି ତାହା ମଧ୍ୟ ଉଲ୍ଲେଖ କରନ୍ତୁ।

ବର୍ତ୍ତମାନ ତଳ ଲିଖିତ ଘଟଣା ଅଧ୍ୟୟନକୁ ଲକ୍ଷ୍ୟ କରନ୍ତୁ :

## ପରିସ୍ଥିତି ଅଧ୍ୟୟନ ୫ : ଏସ.ଏସ. ତାଙ୍କ ଶିକ୍ଷକଙ୍କ ପ୍ରଗତିକୁ ଅନୁକରଣ କରୁଛନ୍ତି

ସୁନିତା ସାହୁ (ଖୁସିରେ ସମସ୍ତେ ଏସ.ଏସ. ବୋଲି ଡ଼ାକିଥାନ୍ତି) ଅତି ମନଯୋଗ ସହ ତାଙ୍କ ବିଦ୍ୟାଳୟର ମୁଖ୍ୟଙ୍କ ଶିକ୍ଷଣ ପୁସ୍ତିକା ପତିପାଳନ କରନ୍ତି। ସେ ଜାଣିବାକୁ ପାଇଲେ ଯେ ପିଛିଲା ବର୍ଷକୁ ଦେଖିବା ମୂଲ୍ୟହୀନ ଅଟେ, ସେ ଗଭୀର ଭାବେ ଚିନ୍ତା କଲେ ମାସ ମାସ ଧରି ସେ ତାଙ୍କ ପାଇଁ ଯେଉଁ ଲକ୍ଷ୍ୟ ସ୍ଥିର କରିଥିଲେ ତାହା ମଧ୍ୟ ଭିତ୍ତିହୀନ।

ଏହି ମାସ ସେ ସ୍ଥିର କଲେ ଯେ, ସେ ଶ୍ରେଣୀ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଲକ୍ଷ୍ୟ କରିବେ। ତାଙ୍କର ମୂଳ ଅଭିପ୍ରାୟ ହେଉଛି।

- ଶିକ୍ଷକ, ବିଷୟବସ୍ତୁର ପାଠ ଏବଂ ଏହାର ଫଳାଫଳକୁ ସଂକ୍ଷିପ୍ତ ବିବରଣୀ ଆକାରରେ ଶେଷ କରିବେ
- ପାଠ ଶେଷରେ ଦିଆଯାଉଥିବା ଗୃହକର୍ମ ସମସ୍ତ ପିଲାମାନଙ୍କ ପାଇଁ ସହଜସାଧ୍ୟ ଏବଂ ଉପଯୁକ୍ତ ହୋଇଥିବ
- ଠିକ ସମୟରେ କ୍ଲାସ ସରୁଥିବ

ଏହି ଲକ୍ଷ୍ୟ ଗୁଡ଼ିକ ଏକ ଆଭ୍ୟନ୍ତରୀଣ ସ୍ମାରକପତ୍ର ମାଧ୍ୟମରେ ସମସ୍ତ ଶିକ୍ଷକଙ୍କ ମଧ୍ୟରେ ବାଣ୍ଟି ଦିଆଗଲା ଏବଂ ଏହା ସ୍ପଷ୍ଟ କରିଦିଆଗଲା ଯେ ଏହି ସବୁ କାର୍ଯ୍ୟ ଗୁଡ଼ିକ ସମସ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରକୁ ବୃଦ୍ଧି କରିବାରେ ବ୍ୟବହାର କରାଯିବ। ସମସ୍ତ ଶିକ୍ଷକଙ୍କ ଦସ୍ତଖତ ମିଳିଯିବା ପରେ, ଏହା ଅବିକଳ ନକଲ ବାହାର କରାଯିବ ଏବଂ ସହକର୍ମୀଙ୍କ ସାଧାରଣ କକ୍ଷର ବିଜ୍ଞପ୍ତି ଫଳକରେ ଲଗାଯିବ।

- ଠିକ ସମୟରେ କ୍ଲାସ ସରୁଥିବ

ଏହି ଲକ୍ଷ୍ୟଗୁଡ଼ିକ ଏକ ଆଭ୍ୟନ୍ତରୀଣ ସ୍ମାରକପତ୍ର ମାଧ୍ୟମରେ ସମସ୍ତ ଶିକ୍ଷକଙ୍କ ମଧ୍ୟରେ ବାଣ୍ଟିଦିଆଗଲା ଏବଂ ଏହା ସ୍ପଷ୍ଟ କରିଦିଆଗଲା ଯେ ଏହି ସବୁ କାର୍ଯ୍ୟଗୁଡ଼ିକ ସମସ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରକୁ ବୃଦ୍ଧି କରିବାରେ ବ୍ୟବହାର କରାଯିବ। ସମସ୍ତ ଶିକ୍ଷକଙ୍କ ଦସ୍ତଖତ ମିଳିଯିବା ପରେ, ଏହା ଅବିକଳ ନକଲ ବାହାର କରାଯିବ ଏବଂ ସହକର୍ମୀଙ୍କ ସାଧାରଣ କକ୍ଷର ବିଜ୍ଞପ୍ତି ଫଳକରେ ଲଗାଯିବ।

ଏସ.ଏସ୍. ଏମିତି ଖେଳାଳି ସୃଷ୍ଟି କରିଥିଲେ ଯିଏ କି ସପ୍ତାହ ସାରା ତାହାକୁ ପୂରଣ କରିବ। ଏକ ଟେବୁଲ ଥିଲା ଯେଉଁଥିରେ ପାଞ୍ଚୋଟି ସ୍ତମ୍ଭ ଏବଂ ସାତଟି ଧାଡ଼ି ରହିଛି। ପ୍ରଥମ ସ୍ତମ୍ଭର ଶିରୋନାମା ହେଉଛି "ବିଷୟ" ଏବଂ ଏହା ତଳେ ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ ଏବଂ ବିଦ୍ୟାଳୟରେ ପଢ଼ାଯାଉଥିବା ସମସ୍ତ ଭାଷା ସମ୍ବନ୍ଧୀୟ ବିଷୟ ଉଲ୍ଲେଖିତ ଅଛି। ପରବର୍ତ୍ତୀ ସ୍ତମ୍ଭର ଶିରୋନାମା ଶ୍ରେଣୀ : 'ନବମ-କ', 'ନବମ - ଖ', 'ଦଶମ-କ' ଏବଂ 'ଦଶମ-ଖ' ବୋଲି ଉଲ୍ଲେଖିତ ଅଛି।

ଟେବୁଲଟି ପୂରଣ ହେବା ଆରମ୍ଭ ହେଲା। ସେ 'ନବମ-ଖ'ରେ ବିଜ୍ଞାନ କ୍ଲାସ ନେବା ପାଇଁ ଶେଷ ଦଶମିନିଟ୍ ଚାଲିଗଲେ। କେବଳ ମାସ ଶେଷର ଫଳାଫଳ ଉପରେ ଲକ୍ଷ୍ୟ ରଖି ନିଜର ପର୍ଯ୍ୟବେକ୍ଷଣ ସାରଣୀ ପୂରଣ କରିଥିଲେ। ସେ ଏହିଭଳି ଏକା ପ୍ରକାର କାର୍ଯ୍ୟ 'ଦଶମ-କ'ର ଇଂରାଜୀ, 'ନବମ-ଖ'ର ହିନ୍ଦୀ ଏବଂ 'ନବମ-ଖ'ର ସାମାଜିକ ବିଜ୍ଞାନରେ କରିସାରିଛନ୍ତି। ସେ ଯୋଜନା କରିଛନ୍ତି ଏହି ସପ୍ତାହରେ ବାକି ଥିବା ସମସ୍ତ ଶ୍ରେଣୀରେ ନିଜର ପର୍ଯ୍ୟବେକ୍ଷଣ କାର୍ଯ୍ୟ ସମାପ୍ତ କରିବେ ଏବଂ ସମସ୍ତ ତଥ୍ୟକୁ ବୈଠକ ବସିବା ପୂର୍ବରୁ ସହକର୍ମୀଙ୍କ ସାଧାରଣ କକ୍ଷରେ ଉପସ୍ଥାପନ କରିବେ। ତଥ୍ୟକୁ ନେଇ ସେ ଏମିତି ଏକ ଯୋଜନା କରିଛନ୍ତି ଯାହାଦ୍ୱାରା କୌଣସି ନାମ ନନେଇ ଏହାକୁ 'ପାଇ ଚାର୍ଟ'ରେ ପ୍ରକାଶ କରିହେବ। ବୈଠକରେ ଯୋଗଦେବାକୁ ଥିବା ଶିକ୍ଷକ ଯେଉଁମାନେ ଭଲ କାର୍ଯ୍ୟ ସମ୍ପାଦନ କରିପାରୁନାହାନ୍ତି ସେମାନଙ୍କ ପାଇଁ ମଧ୍ୟ ଏକ ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ସେମାନଙ୍କୁ ପଚାରିଥିଲେ, ସେମାନଙ୍କ ସଫଳତା ପାଇବା ପାଇଁ ସେ କିଭଳି ସେମାନଙ୍କୁ ସାହାଯ୍ୟ କରିପାରିବେ।

ସେମାନଙ୍କ ଭିତରୁ ଜଣେ କିଭଳି ପାଠ ଯୋଜନା ପ୍ରସ୍ତୁତ କରିହେବ ସେ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଆଗେଇ ଆସିଥିଲେ, ସେମାନଙ୍କ ମିଳିତ ଭାବେ କିଭଳି ଉନ୍ନତ ଧରଣର ପାଠ ଯୋଜନା ପ୍ରସ୍ତୁତ କରିହେବ ସେଥିପାଇଁ କାର୍ଯ୍ୟ କରିଥିଲେ। 'ନବମ-ଖ' ର ହିନ୍ଦୀ ପାଠ ଯୋଜନା ମୀନାକ୍ଷୀ ଦିଦିଙ୍କ ଦ୍ୱାରା ଅତି ସୁନ୍ଦର ଭାବେ ପ୍ରସ୍ତୁତ ହୋଇଥିଲା ଏବଂ ପାଠର ସାରାଂଶ ମଧ୍ୟ ବହୁତ ସୁନ୍ଦର ଥିଲା, ଯେଉଁଠି ଶିକ୍ଷାର୍ଥୀ ସେମାନଙ୍କର ପାଠ ଜାଣିପାରୁଥିଲେ। ମୀନାକ୍ଷା ଦିଦି ସହାୟତା ପାଇଥିବା ଯୋଗୁଁ ଅତିଶୟ ଆନନ୍ଦିତ ହେଲେ ମାତ୍ର ଅନ୍ୟ ଶିକ୍ଷକ ମାନଙ୍କ ପାଇଁ ସେ ଏକ ଆଦର୍ଶ ବୋଲି ସ୍ୱୀକାର କରିବାକୁ କିଛି ସମୟ ଲାଗିଗଲା। ଏସ.ଏସ. ସେଦିନର ଖାତାରେ ଏକ ଛୋଟ ତାରା ଚିହ୍ନ ଦେଇ ଚିହ୍ନଟ କଲେ ଯେ ତାଙ୍କର ଯୋଜନା ସଫଳ ହୋଇଛି। ସେ ଭାବିବାକୁ ଲାଗିଲେ ଯେ ମାସ ଶେଷ ବେଳକୁ ବାକି ଥିବା ତିନୋଟି ଲକ୍ଷ୍ୟ ପୂରଣ ହୋଇଯିବ।

ଏହାପରେ ସେ ବିଶ୍ୱାସ କରିପାରୁନଥିଲେ ଯେ ସେ ଏହି ସଫଳତାକୁ କିଭଳି ନିଜ ସହକର୍ମୀଙ୍କ ମଧ୍ୟରେ ପାଳନ କରିବେ। ତାଙ୍କର ଯୋଜନା ଅସମ୍ପୂର୍ଣ୍ଣ ରହିଲା। ସେ ତାଙ୍କର ଡ଼ାଇରୀରେ ଶେଷଥର ପାଇଁ ଲେଖିଲେ, "ମୋର ଗୃହ କାର୍ଯ୍ୟ : କିଭଳି ଶିକ୍ଷାର୍ଥୀଙ୍କଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ପାଠର ଶଙ୍କେପଣରୁ ସହାୟତା ମିଳିପାରିବ ଏବଂ କିଭଳି ସେ ସବୁ ସହାୟତାକୁ ଏକତ୍ରିତ କରିହେବ ଏବଂ ସମସ୍ତ ଶିକ୍ଷକଙ୍କୁ ଲିଖିତ ଆକାରରେ ଜଣାଇହେବ।"

## ଶିକ୍ଷଣକାର୍ଯ୍ୟ ୧୦ : ଅପାଣଙ୍କ ଯୋଜନାର ସମୀକ୍ଷା

ଆପଣ ପରିସ୍ଥିତି ଅଧ୍ୟୟନ-୫କୁ ପଢ଼ିସାରିବା ପରେ ଆପଣଙ୍କର ନିଜ ପାଠ ଯୋଜନାକୁ ଦେଖନ୍ତୁ ଏବଂ ଚିନ୍ତା କରନ୍ତୁ କିଭଳି ଆପଣ ଏହାକୁ ପରିବର୍ତ୍ତନ କରିପାରିବେ। ଅନ୍ୟ ଜଣେ ଦୁଇଜଣ ଶିକ୍ଷକଙ୍କ ସହ ନିଜର ଚିନ୍ତାଧାରା ଉପରେ ଆଲୋଚନା କରନ୍ତୁ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଯଦି ପରିବର୍ତ୍ତନ କରିବାକୁ ଭାବୁଛନ୍ତି, ସେଥି ପ୍ରତି ଲକ୍ଷ୍ୟ ରଖନ୍ତୁ।

ଶିକ୍ଷାର୍ଥୀଙ୍କ ଅଧିକାର ଅଛି ଏକ ସୁନ୍ଦର ଶିକ୍ଷା ଗ୍ରହଣ ପାଇଁ ଆଶା କରିବା ମାତ୍ର ସବୁବେଳେ ପାଇପାରନ୍ତି ନାହିଁ। ଏଥିପାଇଁ ଅନେକଗୁଡ଼ିଏ କାରଣ ରହିଛି ଏବଂ ସେଥିମଧ୍ୟରୁ ଗୋଟେ ହେଉଛି - ଶିକ୍ଷକଙ୍କ କାର୍ଯ୍ୟ ସମ୍ପାଦନ - ଏବଂ ବିଦ୍ୟାଳୟର ମୁଖ୍ୟ ଭାବେ ପ୍ରଭାବ ପକାଇବାର ଇଚ୍ଛାଶକ୍ତି।

# ୬ ସାରାଂଶ

ପରନ୍ତୁ, ଏହା କେବଳ ଗୋଟିଏ ସଂଗଠିତ ସଂସ୍ଥାରେ ସମ୍ଭବ, ଯେଉଁଠାରେ ବିଶ୍ୱାସର ସ୍ତର ବହୁତ ଅଧିକ। ବ୍ୟକ୍ତିଗତ ଭାବେ ସମସ୍ତେ ନିଜ ମୂଲ୍ୟକୁ ଅନୁଭବ କରୁଥିବେ ଏବଂ ଜାଣିଥିବେ ଏହା ହେଉଛି ସେମାନଙ୍କ ଶିକ୍ଷକତାର ବ୍ୟବହାର, ବ୍ୟକ୍ତିଗତ ସ୍ତର ପରିବର୍ତ୍ତେ ଏହାକୁ ନିରୀକ୍ଷଣ କରାଯାଉଛି, ନହେଲେ ଏହା ଖରାପ ଚିନ୍ତାଧାରା ଏବଂ ଶତ୍ରୁତା ସୃଷ୍ଟି କରିବ। କୌଣସି କଷ୍ଟକର ସ୍ଥିତିକୁ ସାମ୍ନା କରିବା ପୂର୍ବରୁ, ସକାରାତ୍ମକ ସହାୟତା ପ୍ରଦାନ ସମୟରେ ଅଭ୍ୟାସ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ।

ଯେତେ ଅଧିକରୁ ଅଧିକ ଶ୍ରେଣୀଗତ ବ୍ୟବହାର ଶିକ୍ଷକଙ୍କ ନିକଟରେ ପ୍ରତିଫଳନ ହେବ, ବସ୍ତୁନିଷ୍ଠ ପ୍ରମାଣ ସଂଗ୍ରହ ଦ୍ୱାରା ସେମାନଙ୍କର କାର୍ଯ୍ୟ ସମ୍ପାଦନର ମାନ ନିମ୍ନ ସ୍ତରକୁ ଖସିଯିବାର ସମ୍ଭାବନା ରହିଛି - ବିଶେଷ ଭାବେ ଯେଉଁଠାରେ ବିକାଶ କାର୍ଯ୍ୟରେ ସହାୟତା ପ୍ରଦାନର ଯୋଜନାମାନ ପ୍ରସ୍ତୁତ ହୋଇଥିବ। ବିଦ୍ୟାଳୟରେ ଏକ ପରମ୍ପରା ସୃଷ୍ଟି ହେବ ଯେଉଁଠାରେ ନିରୀକ୍ଷଣ ଏବଂ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦୀର୍ଘ ସମୟ, ପ୍ରାୟତଃ ଏକ ବର୍ଷ ଲାଗିବ। ଯଦିଓ ଏହାକୁ ଆରମ୍ଭ କରିବା କଷ୍ଟ, ଆପଣଙ୍କୁ କେତେ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ, ତଥାପି ସ୍ୱର୍ଶକାତର ଏବଂ ନ୍ୟାୟିକ ଭାବେ କାର୍ଯ୍ୟ କଲେ ଏହା ସମ୍ଭବ।

ଏହି ଏକକଟି କେତେକ ଅଧ୍ୟାୟ ପରିବାରର ଅଂଶ ବିଶେଷ ଯାହାକୁ ଶିକ୍ଷଣ-ଶିକ୍ଷାଦାନର ପରିବର୍ତ୍ତନ ପ୍ରକ୍ରିୟାର କେତେକ ମୁଖ୍ୟ ଦିଗ ସହ ତୁଳନା କରାଯାଇଛି। ଆପଣ ଜାଣିବାକୁ ପାଇବେ ଯେ ଆପଣଙ୍କର ଜ୍ଞାନ ଏବଂ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଏହା ପରବର୍ତ୍ତୀ ଅବସ୍ଥାରେ ଆପଣଙ୍କୁ ସାହାଯ୍ୟ କରିବ:

- *ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ନେତୃତ୍ୱ ପ୍ରଦାନ*
- *ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ନେତୃତ୍ୱ ପ୍ରଦାନ*
- *ଆପଣଙ୍କ ବିଦ୍ୟାଳୟର ମୂଲ୍ୟାୟନ ପ୍ରକ୍ରିୟାର ନେତୃତ୍ୱ ପ୍ରଦାନ*
- *ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶକୁ ନେତୃତ୍ୱ ପ୍ରଦାନ*
- *ପଥ ପ୍ରଦର୍ଶନ ଓ ବ୍ୟକ୍ତିଗତ ପ୍ରଶିକ୍ଷଣ*
- *ଆପଣଙ୍କ ବିଦ୍ୟାଳୟରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ନେତୃତ୍ୱ ପ୍ରଦାନ*
- *ଆପଣଙ୍କ ବିଦ୍ୟାଳୟରେ ଏକ ଫଳପ୍ରଦ ଶିକ୍ଷଣ ସଂସ୍କୃତିର ବିକାଶ*
- *ଆପଣଙ୍କ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷାକୁ ଉତ୍ସାହିତ କରିବାୟ*
- *ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷାଲାଭ ପାଇଁ ସମ୍ବଳର ସୁବିନିଯୋଗ*

## ସମ୍ବଳ

## ସମ୍ବଳ - ୧ : ତଦାରଖ ଏବଂ ସହାୟତା ପ୍ରଦାନ

ଶିକ୍ଷାର୍ଥୀଙ୍କୁ ନିୟମିତ କିମ୍ବା ତଦାରଖ କରି ଏବଂ ସେମାନଙ୍କର ପ୍ରଶ୍ନର ଉତ୍ତର ପ୍ରଦାନ ଦେଲେ ସେମାନଙ୍କର କାର୍ଯ୍ୟରେ ନିଶ୍ଚିତ ଉନ୍ନତି ହେବ। ତେଣୁ ସେମାନେ ଜାଣିପାରିବେ ତାଙ୍କଠାରୁ କଣ ଆଶା କରାଯାଉଛି ଏବଂ ସେମାନେ ନିଜର ପଢ଼ା ଶେଷ କରିବା ପରେ ସହାୟତା ପାଇପାରିବେ। ଆପଣଙ୍କର ଏହି ଗଠନମୂଳକ ଚିନ୍ତାଧାରା ପାଇଁ ସେମାନେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବେ।

### ତଦାରଖ

ବହୁ ସମୟରେ ଦକ୍ଷ ଶିକ୍ଷକମାନେ ସେମାନଙ୍କ ଶିକ୍ଷାର୍ଥୀଙ୍କୁ ନିରୀକ୍ଷଣ କରିଥାନ୍ତି। ସାଧାରଣତଃ, ଅଧିକାଂଶ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଶୁଣି କରି ଏବଂ ସେମାନେ ଶ୍ରେଣୀରେ କରୁଥିବା କାର୍ଯ୍ୟକୁ ନିରୀକ୍ଷଣ କରିଥାନ୍ତି। ଶିକ୍ଷାର୍ଥୀଙ୍କ ପ୍ରଗତିକୁ ତଦାରଖ କରିବା ଅତ୍ୟନ୍ତ କଷ୍ଟ କାରଣ ଏହା ତାଙ୍କୁ ନିମ୍ନଲିଖିତରେ ସାହାଯ୍ୟ କରୁଛି :

- ଉଚ୍ଚ ଗ୍ରେଡ଼କୁ ହାସଲ କରିବା
- ସେମାନଙ୍କର ପ୍ରଦର୍ଶନରେ ଅଧିକ ତତ୍ପର ହେବା ଏବଂ ସେମାନଙ୍କର ଶିକ୍ଷଣ ପାଇଁ ଉତ୍ତରଦାୟୀ ରହିବା

- ସେମାନଙ୍କ ଶିକ୍ଷଣର ଅଭିବୃଦ୍ଧି
- ରାଜ୍ୟ ଏବଂ ଆଞ୍ଚଳିକ ସ୍ତରର ମାନବ ପରୀକ୍ଷାରେ ସ୍ଥାନ ପାଇବା ପାଇଁ ଆଶା କରିବା

ଏହା ମଧ୍ୟ ଜଣେ ଶିକ୍ଷକଭାବେ ସ୍ଥିର କରିବା ପାଇଁ ଆପଣଙ୍କୁ ସାହାଯ୍ୟ କରିବ

- କେତେବେଳେ ପ୍ରଶ୍ନ ପଚାରିବେ କିମ୍ବା ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରିବେ
- କେତେବେଳେ ପ୍ରଶଂସା କରିବେ
- କେତେବେଳେ ଆହ୍ୱାନ ଦେବେ
- କିଭଳି ଭିନ୍ନ ଧରଣର ଶିକ୍ଷାର୍ଥୀଙ୍କୁ ଏକ କାର୍ଯ୍ୟରେ ନିୟୋଜିତ କରିବେ
- ଭୁଲ ହେଲେ କ'ଣ କରିବେ

ଶିକ୍ଷାର୍ଥୀଙ୍କ ଉନ୍ନତି ନିଶ୍ଚିତ ଯେତେବେଳେ ସେମାନଙ୍କୁ ଏକ ସଂପୂର୍ଣ୍ଣ ଏବଂ ସଠିକ ସହାୟତା ସେମାନଙ୍କର ଅଗ୍ରଗତି ନିମନ୍ତେ ପ୍ରଦାନ କରାଯିବ। ତଦାରଖ କାର୍ଯ୍ୟ କରିବା ଦ୍ୱାରା ନିୟମିତ ଭାବେ ସହାୟତା ପ୍ରଦାନ ସମ୍ଭବ। ଆପଣ ଶିକ୍ଷାର୍ଥୀଙ୍କୁ ଅନୁମତି ଦେବେ ଯେ କିଭଳି ସେମାନେ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କର ଶିକ୍ଷଣ ପାଇଁ ପ୍ରାରମ୍ଭିକ ଭାବେ କଣ କରିବାକୁ ଚାହୁଁଛନ୍ତି।

ଶିକ୍ଷାର୍ଥୀଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେମାନଙ୍କୁ ସାହାଯ୍ୟ କରିବାରେ ଆପଣ ଗୋଟିଏ ପ୍ରତିବନ୍ଧକକୁ ସାମ୍ନା କରିବ, ଯାହାକୁ ନିଜସ୍ୱ ତଦାରଖ କୁହାଯାଏ। ଶିକ୍ଷାର୍ଥୀ, ମୁଖ୍ୟତଃ ଯିଏ ସଂଘର୍ଷ କରିଥାଏ, ନିଜର ଶିକ୍ଷା ପାଇଁ ନିଜ ସ୍ୱତାଧିକାର ବ୍ୟବହାର କରୁନାହାନ୍ତି। କିନ୍ତୁ ନିଜର ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଆପଣ କୌଣସି ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିପାରିବ କିମ୍ବା ପ୍ରକଳ୍ପ କାର୍ଯ୍ୟ ପାଇଁ ଲକ୍ଷ୍ୟ ସ୍ଥିର, ସେମାନଙ୍କର କାର୍ଯ୍ୟ ପାଇଁ ଯୋଜନା ଏବଂ ସମୟସୀମା ସ୍ଥିର ଏବଂ ସେମାନଙ୍କର ଅଗ୍ରଗତି ନିମନ୍ତେ ନିଜସ୍ୱ ତଦାରଖ ପାଇଁ ସାହାଯ୍ୟ କରିପାରିବ। ନିଜେ ଏହି ପ୍ରକ୍ରିୟାକୁ ଅଭ୍ୟାସ କରି ଏବଂ ନିଜସ୍ୱ ତଦାରଖର କୌଶଳରେ ନିପୁଣତା ଦ୍ୱାରା ସେମାନେ ବିଦ୍ୟାଳୟ ତଥା ଜୀବନ ସାରା ଭଲ ପ୍ରଦର୍ଶନ କରିପାରିବେ।

## ଶିକ୍ଷାର୍ଥୀଙ୍କୁ ଶୁଣିବା ଏବଂ ପର୍ଯ୍ୟବେକ୍ଷଣ କରିବା

ଅନେକ ସମୟରେ ଶିକ୍ଷାର୍ଥୀଙ୍କୁ ଶୁଣିବା ଏବଂ ନିରୀକ୍ଷଣ କରିବା କାର୍ଯ୍ୟ ଶିକ୍ଷକଙ୍କ ଦ୍ୱାରା ସାଧାରଣ ଭାବେ ହୋଇଥାଏ। ଏହା ତଦାରଖ ପାଇଁ ଏକ ସାଧାରଣ କୌଶଳ। ଉଦାହରଣସ୍ୱରୂପ :

- ବଡ଼ ପାଟିରେ ପଢୁଥିବା ସମୟରେ ଶିକ୍ଷାର୍ଥୀଙ୍କୁ ଶୁଣିବାରେ ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଥିବା ବେଳେ ଚାରିପଟେ ବୁଲନ୍ତୁ। ଆପଣ ମଧ୍ୟ ଶ୍ରେଣୀ ଏକ ତାଲିକା ପ୍ରସ୍ତୁତ କରିବେ ଯେ କେଉଁ ଶିକ୍ଷାର୍ଥୀ ଅଧିକ ସାହାଯ୍ୟ ଚାହୁଁଛନ୍ତି ଏବଂ କାହାଠାରେ କୌଣସି ଭୁଲ ବୁଝାମଣା ଅଛିକି ତାହାର ଲିପିବଦ୍ଧ କରିବେ। ଆପଣ ଏହି ପର୍ଯ୍ୟବେକ୍ଷଣ ଗୁଡ଼ିକୁ ବ୍ୟବହାର କରିପାରିବେ ଏବଂ ଏଥିପାଇଁ ଆପଣ ଶ୍ରେଣୀକୁ ସହାୟତା ଦେବେ ନା ଦଳ କିମ୍ବା ବ୍ୟକ୍ତିଗତ ଭାବେ ଉତ୍ସାହିତ କରିବେ।

## ସହାୟତା ପ୍ରଦାନ

ସହାୟତା ହେଉଛି ଏକ ସୂଚନା ଯାହା ଆପଣ ଶିକ୍ଷାର୍ଥୀଙ୍କୁ ଦେଇଛନ୍ତି ଯେ ସେମାନେ କିଭଳି ଲକ୍ଷ୍ୟ କିମ୍ବା ଆଶାତୀତ ଫଳ ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ଶିକ୍ଷାର୍ଥୀଙ୍କୁ ଫଳ ପ୍ରଦ ସହାୟତା ଏହିଭଳି ଭାବେ ପ୍ରଦାନ କରିହେବ:

- କ'ଣ ଘଟିଲା ତତ ସମ୍ବନ୍ଧିତ ତଥ୍ୟ
- କିପରି ଏହି କାର୍ଯ୍ୟଟି ଏତେ ସୁନ୍ଦର ଭାବେ ହେଲା ତାର ମୂଲ୍ୟାୟନ
- କିଭଳି ସେମାନଙ୍କର କାର୍ଯ୍ୟ ସମ୍ପାଦନରେ କିପରି ଉନ୍ନତି ହେବ ସେଥିପାଇଁ ପଥ ପ୍ରଦର୍ଶନ କିମ୍ବା ପରାମର୍ଶ ଯେତେବେଳେ ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି, ସେମାନଙ୍କୁ ଏହା ଜାଣିବାରେ ସହାୟକ ହେବ;
- ସେମାନେ ପ୍ରକୃତରେ କ'ଣ କରୁଛନ୍ତି
- ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ କଣ ଆରମ୍ଭ କରିପାରି ନାହାନ୍ତି

- କିଭଳି ସେମାନଙ୍କର କାର୍ଯ୍ୟ କିପରି ଅନ୍ୟମାନଙ୍କ ସହ ତୁଳନୀୟ
- କିଭଳି ସେମାନେ କିପରି ଉନ୍ନତି କରିପାରିବେ

ଏହା ମନେ ରଖିବାକୁ ହେବ ଯେ ଏକ ଫଳପ୍ରଦ ସହାୟତା ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ। ଆପଣ ଚାହିଁଲେ ବି ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରରେ ବାଧା ସୃଷ୍ଟି କରିପାରିବେ ନାହିଁ କାରଣ ଆପଣଙ୍କର ପ୍ରମାଣ ସ୍ପଷ୍ଟ କିମ୍ବା ଯୁକ୍ତିଯୁକ୍ତ ନୁହେଁ। ଫଳପ୍ରଦ ସହାୟତା ହେଉଛି;

- ଯେଉଁ ପାଠ ନିଆଯାଉଛି ତାହା ଉପରେ କେନ୍ଦ୍ରୀଭୂତ କରିବା ଏବଂ ଶିକ୍ଷାର୍ଥୀ ଆବଶ୍ୟକ ମନେ କରୁଥିବା ପାଠର ଶିକ୍ଷାଦାନ।
- ସ୍ପଷ୍ଟ ଏବଂ ବିନମ୍ରଭାବେ ଶିକ୍ଷାର୍ଥୀଙ୍କୁ କହିବାକୁ ହେବ ଯେ କେଉଁଟି ଭଲ, ସେମାନଙ୍କର ଶିକ୍ଷଣରେ ଏବଂ ତତସହିତ କେଉଁଟିରେ ଉନ୍ନତିର ଆବଶ୍ୟକତା ରହିଛି।
- କାର୍ଯ୍ୟ କରିବା, ଶିକ୍ଷାର୍ଥୀଙ୍କୁ କହିବା ସେମାନେ ଯାହା କରିବାକୁ ସମର୍ଥ ତାହା କରିବେ।
- ଉପଯୁକ୍ତ ଭାଷା ପ୍ରୟୋଗ କରିବା ଯାହା ଶିକ୍ଷାର୍ଥୀଙ୍କୁ ବୁଝିବାରେ ସହଜ ହେବ।
- ଠିକ୍ ସମୟରେ ମଧ୍ୟ ଦେବା ଉଚିତ୍ – ଯଦି ଏହା ଖୁବ୍ ଶୀଘ୍ର ହୋଇଥାଏ, ଶିକ୍ଷାର୍ଥୀ ଚିନ୍ତା କରିବା ଉଚିତ୍ ଯେ, “ମୁଁ ବର୍ତ୍ତମାନ ତାହା କରିବାକୁ ଯାଉଛି।” ବହୁତ ବିଳମ୍ବ ହେଲା ଏବଂ ଶିକ୍ଷାର୍ଥୀଙ୍କ ଲକ୍ଷ୍ୟ ଚାରିଆଡ଼େ ରହିପାରେ ଏବଂ ସେମାନେ ପଛକୁ ଫେରିବାକୁ ଚାହୁଁନାହାନ୍ତି ଏବଂ ଯାହା କୁହାଯାଉଛି ତାହା କରୁଛନ୍ତି।
- ଯଦିଓ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପୁସ୍ତିକାରେ ସହାୟତା ସଂପର୍କରେ କୁହାଯାଉଛି କିମ୍ବା ଲେଖାଯାଇଛି, ଏହା ବହୁତ ଫଳପ୍ରଦ ହୋଇପାରିବ ଯଦି ନିମ୍ନ ଲିଖିତ ନୀତି ନିୟମକୁ ଅବଲମ୍ବନ କରାଯିବ।
- ଠିକ୍ ସମୟରେ ମଧ୍ୟ ଦେବା ଉଚିତ୍ – ଯଦି ଏହା ଖୁବ୍ ଶୀଘ୍ର ହୋଇଥାଏ, ଶିକ୍ଷାର୍ଥୀ ଚିନ୍ତା କରିବା ଉଚିତ୍ ଯେ, “ମୁଁ ବର୍ତ୍ତମାନ ତାହା କରିବାକୁ ଯାଉଛି ।” ବହୁତ ବିଳମ୍ବ ହେଲା ଏବଂ ଶିକ୍ଷାର୍ଥୀଙ୍କ ଲକ୍ଷ୍ୟ ଚାରିଆଡ଼େ ରହିପାରେ ଏବଂ ସେମାନେ ପଛକୁ ଫେରିବାକୁ ଚାହୁଁନାହାନ୍ତି ଏବଂ ଯାହା କୁହାଯାଉଛି ତାହା କରୁଛନ୍ତି।

ଯଦିଓ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପୁସ୍ତିକାରେ ସହାୟତା ସଂପର୍କରେ କୁହାଯାଉଛି କିମ୍ବା ଲେଖାଯାଇଛି, ଏହା ବହୁତ ଫଳପ୍ରଦ ହୋଇପାରିବ ଯଦି ନିମ୍ନ ଲିଖିତ ନୀତି ନିୟମକୁ ଅବଲମ୍ବନ କରାଯିବ।

## ପ୍ରଶଂସା ଏବଂ ଉପଯୁକ୍ତ ଭାଷାର ବ୍ୟବହାର

ନିନ୍ଦା କରିବା କିମ୍ବା ଠିକ୍ କରିବା ଅପେକ୍ଷା, ସେତେବେଳେ ଆମେ ବହୁତ ଭଲ ଅନୁଭବ କରୁ ଯେତେବେଳେ ଆମେ ପ୍ରଶଂସା ଏବଂ ଉତ୍ସାହିତ କରୁ। ପୁନର୍ବଳନ ଏବଂ ଉପଯୁକ୍ତ ଭାଷା ପ୍ରୟୋଗ ଦ୍ୱାରା, ସମଗ୍ର ଶ୍ରେଣୀ ଏବଂ ବ୍ୟକ୍ତିଗତ ଭାବେ ସବୁ ବୟସର ସମସ୍ତ ଶିକ୍ଷାର୍ଥୀ ପଢ଼ିବା ପାଇଁ ପ୍ରେରଣା ପାଇବେ। ମନେ ରଖନ୍ତୁ ପ୍ରଶଂସା ସର୍ବଦା ନିର୍ଦ୍ଦିଷ୍ଟ ହେବା ଆବଶ୍ୟକ ଏବଂ ଶିକ୍ଷାର୍ଥୀଙ୍କ ପରିବର୍ତ୍ତେ ସେମାନଙ୍କର କାର୍ଯ୍ୟ ଉପରେ ଲକ୍ଷ୍ୟ ରହିବା ଉଚିତ୍, ନହେଲେ ଏହା ଶିକ୍ଷାର୍ଥୀଙ୍କ ଉନ୍ନତିରେ ସହାୟକ ହେବ ନାହିଁ। “ଭଲ କାମ କରିଛ” ଏଥିରେ ନିର୍ଦ୍ଦିଷ୍ଟତା ନାହିଁ, ତେଣୁ ନିମ୍ନଲିଖିତ ମଧ୍ୟରୁ କୌଣସି ଗୋଟେ ଭଲ ହେବ;



## ପ୍ରୋତ୍ସାହନ ତତ୍ ସହିତ ସଂଶୋଧନ କରିବା

ଆପଣ ଯେଉଁ ଢ଼ଙ୍ଗରେ କହୁଛନ୍ତି ତାହା ଆପଣଙ୍କର ଶିକ୍ଷାର୍ଥୀଙ୍କୁ ସେମାନଙ୍କର ଶିକ୍ଷଣରେ ସହାୟକ ହେଉଛି ତା ଯଦି ଆପଣ ସେମାନଙ୍କୁ କହିବେ ଯେ କୌଣସି ଉତ୍ତରଟି ଠିକ୍ ନାହିଁ ଏବଂ ସେଠାରେ କଥାବାର୍ତ୍ତା ସାରିଦେବେ ତାହାହେଲେ ଆପଣ ସେମାନଙ୍କୁ ସହାୟତା କରିବାର ସୁଯୋଗକୁ ହାତଛଡ଼ା କରିବେ। ଯଦି ଆପଣ ଶିକ୍ଷାର୍ଥୀଙ୍କୁ କୌଣସି ସୂଚନା ଦେବେ କିମ୍ବା ପୁଣି ସେମାନଙ୍କୁ ପ୍ରଶ୍ନ ପଚାରିନ୍ତି, ସୋମନଙ୍କୁ ଗଭୀର ଭାବେ ଚିନ୍ତା କରିବାକୁ ସୁଯୋଗ ଦେବେ ଏବଂ ଉତ୍ତର ଖୋଜି ପାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିବେ ଏବଂ ସେମାନଙ୍କର ଶିକ୍ଷଣ ପାଇଁ ଆପଣ ସମସ୍ତ ଦାୟିତ୍ୱ ନେବେ। ଉଦାହରଣସ୍ୱରୂପ, ତୁମେ ଗୋଟିଏ ଭଲ ଉତ୍ତର ପାଇଁ କିମ୍ବା ଗୋଟେ ସମସ୍ୟାକୁ ସଠିକ୍ ଭାବେ ପରିଚାଳନା ପାଇଁ ସେମାନଙ୍କୁ ଉତ୍ସ୍ୱାହିତ କରିବେ ଏହିଭଳି ଭାବେ କହିବେ :




ଏହା ଶିକ୍ଷାର୍ଥୀମାନଙ୍କୁ ପରସ୍ପର ମଧ୍ୟରେ ଉପଯୁକ୍ତ ଭାବରେ ଉତ୍ସାହିତ କରିଥାଏ। ଏହି ସବୁ ପ୍ରଶ୍ନଗୁଡ଼ିକ ଆପଣ ଆପଣଙ୍କ ଶ୍ରେଣୀରେ ସମାଲୋଚନା ମଧ୍ଯ କରିପାରିବେ ଯଥା:




ଉଚ୍ଚାରଣ କିମ୍ବା ଶବ୍ଦ ଗଣନାରେ ଭୁଲ କରୁଥିବା ଶିକ୍ଷାର୍ଥୀମାନଙ୍କୁ 'ହଁ' କିମ୍ବା 'ନାଁ' କହି ସଂଶୋଧନ କରିବା ଏକ ଭଲ ଉପାୟ ଅଟେ ମାତ୍ର ଆପଣ ମଧ୍ୟ ଆପଣଙ୍କର ଶିକ୍ଷାର୍ଥୀମାନଙ୍କୁ ସଠିକ୍ ଉପାୟରେ ଉତ୍ତର ଦେବା ପାଇଁ ଯତ୍ନ ନେଇପାରିବେ, ସମାନ ପ୍ରକାର ଉତ୍ତର ମଧ୍ୟରେ ସଂଯୋଗ ସ୍ଥାପନ କିମ୍ବା  କୌଣସି  ଏକ ଭୁଲ ଉତ୍ତର ପାଇଁ ଖୋଲା ଆଲୋଚନା କର।

ସ୍ୱ-ସଂଶୋଧନ ଏବଂ ସାଙ୍ଗ ମାନଙ୍କ ଦ୍ୱାରା ସଂଶୋଧନ ବହୁତ ଭଲ ଏବଂ ତେଣୁ ଆପଣ ଆପଣଙ୍କର ଶିକ୍ଷାର୍ଥୀଙ୍କୁ କହିପାରିବେ ଯେ ସେମାନେ ଦଳଗତ ଭାବେ କାର୍ଯ୍ୟ କରୁଥିବା ସମୟରେ କିମ୍ବା ଯୁଗଳ ଭାବେ ନ୍ୟସ୍ତ କାର୍ଯ୍ୟ କରୁଥିଲେ ଏବଂ ନିଜେ ମଧ୍ୟ ନିଜର କାର୍ଯ୍ୟକୁ ସଂଶୋଧନ କରିବା ପାଇଁ ଉତ୍ସାହିତ କରିବେ। ଥରକେ ଗୋଟିଏ ଦିଗ ଉପରେ ସଂଶୋଧନ କରିବାକୁ ଲକ୍ଷ୍ୟ ରଖିବା ଦ୍ୱାରା ସୂଚନାରେ କୌଣସି ବିଶେଷ ଅସୁବିଧା ହେବ ନାହିଁ।

## ସମ୍ବଳ ୨: ପାଠର ଯୋଜନା

ଯୋଜନା ଏବଂ ପ୍ରସ୍ତୁତି କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ?

ଭଲ ପାଠର ଯୋଜନା ହେବା ଆବଶ୍ୟକ। ଯୋଜନା କରିବା ଦ୍ୱାରା ଆପଣଙ୍କର ଶିକ୍ଷାଦାନ ପ୍ରକ୍ରିୟା ଉନ୍ନତ ହେବ ଏବଂ ଠିକ୍ ସମୟରେ ସରିବ। ଏହାର ଅର୍ଥ ଶିକ୍ଷାର୍ଥୀମାନେ କାର୍ଯ୍ୟକ୍ଷମ ଏବଂ ଆଗ୍ରହୀ ହେବେ। ଉପଯୁକ୍ତ ଯୋଜନାରେ କିଛି ନମନୀୟତା ରହିଥାଏ, ଯାହାଦ୍ୱାରା ଶିକ୍ଷକ ଶିକ୍ଷାର୍ଥୀଙ୍କୁ କଣ ପଢ଼ାଉଛନ୍ତି ତାହା ସହଜରେ ଜାଣିପାରନ୍ତି। ଗୁଡ଼ିଏ ପାଠର ଯୋଜନା କରିବା ସମୟରେ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରକୁ ଲକ୍ଷ୍ୟ ରଖିବା ଉଚିତ୍, ଯାହା ବୁଝାଉଛି  ପାଠ୍ୟକ୍ରମ ଏବଂ ସଠିକ୍ ସମ୍ବଳ ଏବଂ କାର୍ଯ୍ୟ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ସାହାଯ୍ୟ କରେ।

ଯୋଜନା ଏକ ନିୟମିତି ପ୍ରକ୍ରିୟା, ଯାହା ଆପଣଙ୍କୁ ଉଭୟ ଏକକ ପାଠ ଏବଂ ବହୁ ପାଠ ଯୋଜନା ପ୍ରସ୍ତୁତରେ ସାହାଯ୍ୟ କରିବ। ପାଠ ଯୋଜନା ପ୍ରସ୍ତୁତ କରିବାର ବିଭିନ୍ନ ସୋପାନ ଗୁଡ଼ିକ ହେଉଛି:

- ଅଭିବୃଦ୍ଧି ପାଇଁ ଶିକ୍ଷାର୍ଥୀ କଣ ଆବଶ୍ୟକ ମନେ କରୁଛନ୍ତି ସେଥିପ୍ରତି ନିଶ୍ଚିତ ରହିବା
- ଆପଣ ପଢ଼ାଇବାକୁ ଯାଉଥିବା ପାଠକୁ ଶିକ୍ଷାର୍ଥୀ କିଭଳି ବୁଝିପାରିବେ ତାହା ସ୍ଥିର କରିବେ ଏବଂ ଯାହା ଆପଣ ପାଇବେ ତାହା ଉପରେ ପ୍ରତିକ୍ରିୟା ଦେବା ପାଇଁ କିଭଳି ନମନୀୟତା ରଖିପାରିବେ
- ପଛକୁ ଅନୁଧ୍ୟାନ କରି ଦେଖନ୍ତୁ ଯେ କିଭଳି ଭଲରେ ପାଠ ଆଗକୁ ଯାଉଛି ଏବଂ ଭବିଷ୍ୟକ ଯୋଜନା ଅନୁଯାୟୀ ଆପଣଙ୍କର ଶିକ୍ଷାର୍ଥୀ କଣ ଶିକ୍ଷା ଲାଭ କଲେ।

## ଅନେକଗୁଡ଼ିଏ ପାଠ ପାଇଁ ଯୋଜନା ପ୍ରସ୍ତୁତି

ଯେତେବେଳେ ଆପଣ କୌଣସି ଏକ ପାଠ୍ୟକ୍ରମକୁ ଯୋଜନା ପାଇଁ ଅନୁଧ୍ୟାନ କରୁଛନ୍ତି, ତେବେ ଏହାର ପ୍ରଥମ ସୋପାନ ହେଉଛି କିଭଳି ଆପଣ ବିଷୟଟିକୁ ଭଲ ଭାବେ ଭାଗ ଭାଗ କରୁଛନ୍ତି ଏବ ପାଠ୍ୟକ୍ରମରେ ଦିଆଯାଇଥିବା ଆଲୋଚ୍ୟ ବିଷୟକୁ କିଭଳି ଛୋଟ ଛୋଟ ବିଭାଗରେ ପରିଣତ କରିପାରୁଛନ୍ତି। ଆପଣଙ୍କ ନିକଟରେ ଥିବା ସମୟ ତତ୍ ସହିତ ଯେଉଁ ଉପାୟରେ ଶିକ୍ଷାର୍ଥୀଙ୍କ ଅଭିବୃଦ୍ଧି କରିହେବ ଏବଂ ଜ୍ଞାନ ଓ କୌଶଳକୁ କ୍ରମାନ୍ୱୟରେ ବୃଦ୍ଧି କରିହେବ, ତାହା ଉପରେ ଆପଣ ଅନୁଧ୍ୟାନ କରିବା ଆବଶ୍ୟକ। ଆପଣଙ୍କର ଅଭିଜ୍ଞତା କିମ୍ୱା ସହକର୍ମୀଙ୍କ ସହ ଆଲୋଚନାରୁ ଆପଣ ଜାଣିବେ ଯେ କୌଣସି ଗୋଟେ ଏକକକୁ ଚାରୋଟି ପାଠରେ ସାରି ହେଉଥିବା ସମୟରେ ଅନ୍ୟ କୌଣସି ଏକକ ଦୁଇଟି ପାଠରେ ସାରିହେବ। ଆପଣ ଅବଗତ ଥିବେ ଯେ ଆପଣ ଭିନ୍ନ ଉପାୟରେ ଏବଂ ଭିନ୍ନ ସମୟରେ, ସେ ପାଠ ନିକଟକୁ ଫେରିବାକୁ ଚାହୁଁଛନ୍ତି, ଯେତେବେଳେ ଅନ୍ୟ ବିଷୟଗୁଡ଼ିକୁ ସମାପ୍ତ କରିବାକୁ ହେବ କିମ୍ୱା କେତେକ ବିଷୟର ପୁନଃ ବୃଦ୍ଧି ଘଟୁଛି।

ପ୍ରତ୍ୟେକ ପାଠ ଯୋଜନାରେ ନିଶ୍ଚିତ କରିବାର ଆବଶ୍ୟକତା ଯେ :

- ଅଭିବୃଦ୍ଧି ପାଇଁ ଶିକ୍ଷାର୍ଥୀ କଣ ଆବଶ୍ୟକ ମନେ କରୁଛନ୍ତି ସେଥିପ୍ରତି ନିଶ୍ଚିତ ରହିବା
- ଆପଣ ପଢ଼ାଇବାକୁ ଯାଉଥିବା ପାଠକୁ ଶିକ୍ଷାର୍ଥୀ କିଭଳି ବୁଝିପାରିବେ ତାହା ସ୍ଥିର କରିବେ ଏବଂ ଯାହା ଆପଣ ପାଇବେ ତାହା ଉପରେ ପ୍ରତିକ୍ରିୟା ଦେବା ପାଇଁ କିଭଳି ନମନୀୟତା ରଖିପାରିବେ
- ପଛକୁ ଅନୁଧ୍ୟାନ କରି ଦେଖନ୍ତୁ ଯେ କିଭଳି ଭଲରେ ପାଠ ଆଗକୁ ଯାଉଛି ଏବଂ ଭବିଷ୍ୟତ ଯୋଜନା ଅନୁଯାୟୀ ଅପାଣଙ୍କର ଶିକ୍ଷାର୍ଥୀ କଣ ଶିକ୍ଷା ଲାଭ କଲେ।

## ଅନେକଗୁଡ଼ିଏ ପାଠ ପାଇଁ ଯୋଜନା ପ୍ରସ୍ତୁତି

ଯେତେବେଳେ ଆପଣ କୌଣସି ଏକ ପାଠ୍ୟକ୍ରମକୁ ଯୋଜନା ପାଇଁ ଅନୁଧ୍ୟାନ କରୁଛନ୍ତି, ତେବେ ଏହାର ପ୍ରଥମ ସୋପାନ ହେଉଛି କିଭଳି ଆପଣ ବିଷୟଟିକୁ ଭଲ ଭାବେ ଭାଗ ଭାଗ କରୁଛନ୍ତି ଏବଂ ପାଠ୍ୟକ୍ରମରେ ଦିଆଯାଇଥିବା ଆଲୋଚ୍ୟ ବିଷୟକୁ କିଭଳି ଛୋଟ

ଛୋଟ ବିଭାଗରେ ପରିଣତ କରିପାରୁଛନ୍ତି। ଆପଣଙ୍କ ନିକଟରେ ଥିବା ସମୟ ତତ୍ ସହିତ ଯେଉଁ ଉପାୟରେ ଶିକ୍ଷାର୍ଥୀଙ୍କ ଅଭିବୃଦ୍ଧି କରିହେବ ଏବଂ ଜ୍ଞାନ ଓ କୌଶଳକୁ କ୍ରମାନ୍ୱୟରେ ବୃଦ୍ଧି କରିହେବ, ତାହା ଉପରେ ଆପଣ ଅନୁଧ୍ୟାନ କରିବା ଆବଶ୍ୟକ। ଆପଣଙ୍କର ଅଭିଜ୍ଞତା କିମ୍ୱା ସହକର୍ମୀଙ୍କ ସହ ଆଲୋଚନାରୁ ଆପଣ ଜାଣିବେ ଯେ କୌଣସି ଗୋଟେ ଏକକକୁ ଚାରୋଟି ପାଠରେ ସାରି ହେଉଥିବା ସମୟରେ ଅନ୍ୟ କୌଣସି ଏକକ ଦୁଇଟି ପାଠରେ ସାରିହେବ। ଅପାଣ ଅବଗତ ଥିବେ ଯେ ଆପଣ ଭିନ୍ନ ଉପାୟରେ ଏବଂ ଭିନ୍ନ ସମୟରେ, ସେ ପାଠ ନିକମଟକୁ ଫେରିବାକୁ ଚାହୁଁଛନ୍ତି, ଯେତେବେଳେ ଅନ୍ୟ ବିଷୟଗୁଡ଼ିକୁ ସମାପ୍ତ କରିବାକୁ ହେବ କିମ୍ୱା କେତେକ ବିଷୟର ପୁନଃ ବୃଦ୍ଧି ଘଟୁଛି।

ପ୍ରତ୍ୟେକ ପାଠ ଯୋଜନାରେ ନିଶ୍ଚିତ କରିବାର ଆବଶ୍ୟକତା ଯେ:

- ଶିକ୍ଷାର୍ଥୀ ଶିଖିବା ପାଇଁ ଆପଣ କଣ ଚାହୁଁଛନ୍ତି
- ଆପଣ କିଭଳି ପାଠର ଆରମ୍ଭ କରିବେ
- ଶିକ୍ଷାର୍ଥୀମାନେ କ'ଣ କରିବାକୁ ଚାହୁଁଛନ୍ତି ଏବଂ କାହିଁକି

ଆପଣ ଶିକ୍ଷଣଟିକୁ ସକ୍ରିୟ ଏବଂ ଆଗ୍ରହାନ୍ୱିତ କରିବାକୁ ଚାହୁଁଛନ୍ତି, ଯାହା ଫଳରେ ପିଲାମାନେ ସହଜବୋଧ ଏବଂ କୌତୁହଳପୂର୍ଣ୍ଣ ଅନୁଭବ କରିବେ। ଚିନ୍ତାକରନ୍ତୁ ପାଠ ଭିତରେ ଆପଣ ଶିକ୍ଷାର୍ଥୀଙ୍କୁ କ'ଣ ସବୁ ପ୍ରଶ୍ନ ପଚାରିବେ ଯାହାଫଳରେ ଆପଣ ଭିନ୍ନତା ଏବଂ ନମନୀୟତା ଆଣିପାରିବେ। ଶିକ୍ଷାର୍ଥୀମାନେ ଅନେକଗୁଡ଼ିଏ ପାଠରେ କଣ ବୁଝିଛନ୍ତି ଓ ସେମାନଙ୍କର ପ୍ରଗତିକୁ ତଦାରଖ କରିବା ପାଇଁ ଆପଣ ଯୋଜନା ପ୍ରସ୍ତୁତ କରିପାରିବେ। ଯଦି କୌଣସି ଦିଗରେ ଅଧିକ ସମୟ କିମ୍ୱା ଶୀଘ୍ର ସରିଯାଉଥିବ, ତେବେ ସେଥିପାଇଁ ନମନୀୟ ରହିବା ଲାଗି ପ୍ରସ୍ତୁତ ରୁହନ୍ତୁ।

## ବ୍ୟକ୍ତିଗତ ପାଠର ପ୍ରସ୍ତୁତି

ଅନେକ ଗୁଡ଼ିଏ ପାଠ ପାଇଁ ଯୋଜନା ପ୍ରସ୍ତୁତ କରିସାରିବା ପରେ, ପ୍ରତ୍ୟେକ ବ୍ୟକ୍ତିଗତ ପାଠ ଶିକ୍ଷାର୍ଥୀଙ୍କ ଅଭିବୃଦ୍ଧି ଉପରେ ଆଧାରିତ ହେବା ଉଚିତ୍। ଆପଣ ଜାଣିଛନ୍ତି ଶିକ୍ଷାର୍ଥୀ କଣ ଶିଖିବେ କିମ୍ୱା ପାଠ ଶେଷ ହେବା ପରେ କ'ଣ କରିପାରିବେ, ମାତ୍ର ଆଶା କରୁନଥିବା କେତେକ ଘଟଣାକୁ ଆପଣଙ୍କୁ ମନେ ପକାଇବାର ଆବଶ୍ୟକତା ରହିଛି। ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତିଗତ ପାଠ ଏକକ ଯୋଜନାଭାବେ ହେବା ଆବଶ୍ୟକ, ଯାହାଦ୍ୱାରା ସମସ୍ତ ଶିକ୍ଷାର୍ଥୀ ଅଗ୍ରଗତି କରିବେ ଏବଂ ସଫଳତା ସ୍ୱାଦ ଅନୁଭବ କରିବେ। ବ୍ୟବହାର ବହୁତ ଦରକାରୀ। ଯଦି ଆପଣ ଭିନ୍ନ ଧରଣର ଉପାୟ ଏବଂ କାର୍ଯ୍ୟକୁ ବ୍ୟବହାର କରନ୍ତି, ତେବେ ଆପଣ ଶିକ୍ଷାର୍ଥୀଙ୍କ ନିକଟର ହୋଇପାରିବେ, କାରଣ ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ ଉପାୟରେ ଶିଖିଥାନ୍ତି।

## ପାଠ ଶେଷରେ ଶିକ୍ଷଣ ଅଗ୍ରଗତି ନିମନ୍ତେ ପରୀକ୍ଷା

ପାଠ ସମୟରେ କିମ୍ୱା ଶେଷରେ କେତେ ଅଭିବୃଦ୍ଧି ଘଟିଛି ତାହା ଜାଣିବା ପାଇଁ ସର୍ବଦା ସମୟ ଦେବା ଉଚିତ୍। ଯାଞ୍ଚ କରିବାର ଅର୍ଥ ନୁହେଁ ସର୍ବଦା ପରୀକ୍ଷା କରିବା। ସାଧାରଣତଃ ଏହା ଶୀଘ୍ର ଏବଂ ଘଟଣା ସ୍ଥଳରେ ହେବା ଉଚିତ୍। ଯେପରିକି ଯାହା ଶିକ୍ଷାର୍ଥୀ ଶିଖିଲେ ତାହାକୁ ଯୋଜନାଭାବେ କିମ୍ୱା ଯୋଜନାବଦ୍ଧ ଭାବେ ପ୍ରଶ୍ନ ନିରୀକ୍ଷଣ କରିବା ମାତ୍ର ଆପଣ ନିଶ୍ଚିତ ଭାବେ ନମନୀୟ ହେବା ପାଇଁ ଯୋଜନା ପ୍ରସ୍ତୁତ କରିବେ ଏବଂ ଶିକ୍ଷାର୍ଥୀଙ୍କ ପ୍ରତିକ୍ରିୟାକୁ ଯାହା ଜାଣିଲେ ସେହି ଅନୁଯାୟୀ ପରିବର୍ତ୍ତନ କରନ୍ତୁ।

ପାଠକୁ ଶେଷ କରିବାର ଏକ ଭଲ ଉପାୟ ହେଉଛି ଆରମ୍ଭରୁ ଲକ୍ଷ୍ୟ ସ୍ଥଳକୁ ଫେରିବା ଏବଂ ପରସ୍ପର ସହ କଥା ହେବା ପାଇଁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେବା ଏବଂ ଶିକ୍ଷଣ ଅଗ୍ରଗତି ନିମନ୍ତେ ଆପଣଙ୍କ ସହ କଥା ହେବା ପାଇଁ ସୁଯୋଗ ପ୍ରଦାନ କରିବେ। ଶିକ୍ଷାର୍ଥୀଙ୍କୁ ଶୁଣିବା ଦ୍ୱାରା ଆପଣ ପରବର୍ତ୍ତୀ ପାଠ ପାଇଁ ଯୋଜନା ସହଜରେ ପ୍ରସ୍ତୁତ କରିପାରିବେ।

### ପାଠର ସମୀକ୍ଷା

ପ୍ରତ୍ୟେକ ପାଠକୁ ଲକ୍ଷ୍ୟ କରନ୍ତୁ ଏବଂ ଆପଣ କଣ କଲେ ତାହାକୁ ଲେଖି ରଖନ୍ତୁ, ଆପଣଙ୍କର ଶିକ୍ଷାର୍ଥୀ କ'ଣ ଶିଖିଲେ, କେଉଁ ସମ୍ବଳ ଗୁଡ଼ିକ ବ୍ୟବହାର ହେଲା ଏବଂ କିଭଳି ଆପଣ ଏହାର ଉନ୍ନତି କରିପାରିବେ କିମ୍ୱା ଲଗାତର ପାଠ ପାଇଁ ଆପଣ ଯୋଜନାରେ ସଯୋଜନ କରନ୍ତୁ। ଉଦାହରଣସ୍ୱରୂପ ଆପଣ ଚିନ୍ତା କରିପାରନ୍ତି :

- କାର୍ଯ୍ୟର ପରିବର୍ତ୍ତନ କରନ୍ତୁ
- ମୁକ୍ତ ଉତ୍ତର ମୂଳକ ଏବଂ ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ ପ୍ରସ୍ତୁତି କରନ୍ତୁ
- ଯେଉଁ ଶିକ୍ଷାର୍ଥୀ କିଛି ଅଧିକ ସହାୟତା ଆବଶ୍ୟକ ମନେ କରନ୍ତି, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିବେଶନ କରନ୍ତୁ

ଆପଣ ଯେତେ ଅଧିକରୁ ଅଧିକ ଶ୍ରେଣୀକୁ ଶିକ୍ଷାଦାନ ପାଇଁ ଯିବେ ଆପଣଙ୍କର ପାଠ ଯୋଜନାରେ ମଧ୍ୟ ପରିବର୍ତ୍ତନ ଘଟିବ, କାରଣ ଯାହା ଘଟିବ ତାହା ଆପଣ ଆକଳନ କରିପାରିବେ ନାହିଁ। ଭଲ ଯୋଜନାର ଅର୍ଥ ଆପଣ ଜାଣିଛନ୍ତି ଆପଣଙ୍କ ଶିକ୍ଷାଦାନରେ କ'ଣ ଘଟିବ ଏବଂ ସେଥିପାଇଁ ଶିକ୍ଷାର୍ଥୀଙ୍କ ବାସ୍ତବ ଶିକ୍ଷଣ ପାଇଁ ସମସ୍ତ ଦାୟିତ୍ୱ ନିଜ ଉପରକୁ ନେବା ପାଇଁ ପ୍ରସ୍ତୁତ ରୁହନ୍ତୁ।

## Additional resources

- Teaching poetry at GCSE: http://www.youtube.com/watch?v=vZgvHmviq-U
- Primary talk and success criteria: http://www.youtube.com/watch?v=1v2QbW3_Ai4
- *Learning to teach* (OpenLearnunit): http://www.open.edu/openlearn/learning-teach/content-section-0

## References/bibliography

Muralidharan, K. and Sundararaman, V. (2010) 'The impact of diagnostic feedback to teachers on student learning: experimental evidence from India', *Economic Journal*, vol. 120, no. 546, pp. 187–203.

Jones, J., Jenkin, M. and Lord S. (2006) *Developing Effective Teacher Performance*. London: Sage Publications.

Wragg, E.C. (2012) *An Introduction to Classroom Observation*, 3rd edn. London: Routledge.

Lofthouse, R., Leat, D., Towler, C., Hall, E. and Cummings, C. (2010) *Improving Coaching: Evolution not Revolution.* Reading: CfBT Education Trust.

Lofthouse, R., Leat, D. and Towler, C. (2010) *Coaching for Teaching and Learning: A Practical Guide for Schools.* Reading: CfBT Education Trust. Available from: www.ncl.ac.uk/cflat/news/documents/5414_CfT_FinalWeb.pdf (accessed 19 July 2014).

## Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.